# ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଦେବଗଡ

## ବିଜ୍ଞାପନ

ନମ୍ବର- ୩୭୪୩ ତା- ୦୨/୧୨/୨୦୨୩

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ-ଦିଆଯାଉଛି ଯେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଦେବଗଡ଼ଙ୍କ ଅଧୀନରେ ୦୧ ଗୋଟି ପରିଚାରକ / ପରିଚାରିକା (Attendant ) ପଦବୀ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହି ପଦବୀ ଗୁଡିକ ଦେବଗଡ଼ ଜିଲ୍ଲାରେ କେବଳ ଗୋ ମିତ୍ର ପ୍ରାର୍ଥୀ /ଗୋ ମିତ୍ର ପ୍ରାର୍ଥୀନୀ ମାନଙ୍କ ଦ୍ୱାରା ପୂରଣ କରାଯିବ । ତଦନୁଯାୟୀ ଜିଲ୍ଲା ସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| ଖାଲି ପଦବୀ ସଂଖ୍ୟା | | |
|---|---|---|
| କ୍ରମିକ ସଂଖ୍ୟା | ବର୍ଗ | ମୋଟ ପଦବୀ |
| ୦୧ | ଅନୁସୂଚିତ ଜାତି | ୦୧ |

ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀ /ପ୍ରାର୍ଥୀନି , ଦେବଗଡ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ନିର୍ଦ୍ଦିଷ୍ଟ ସମୟ ସୀମା (୨୨ .୧୨ ୨୦୨୩) ମଧ୍ୟରେ ଆବେଦନ କରିପାରିବେ । ନିଯୁକ୍ତି ସମ୍ବନ୍ଧୀୟ ଆବଶ୍ୟକୀୟ ଯୋଗ୍ୟତା ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

**ଆବଶ୍ୟକୟ ଯୋଗ୍ୟତା :-**

୧ (କ) ପ୍ରାର୍ଥୀ / ପ୍ରାର୍ଥୀନୀ ଓଡିଶା ସରକାରଙ୍କର ସ୍ୱୀକୃତି ପ୍ରାପ୍ତ ଶିକ୍ଷା ଅନୁଷ୍ଠାନ /ବିଦ୍ୟାଳୟରୁ ମଧ ଇଂରାଜୀ କିମ୍ବା ତତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

(ଖ) ପ୍ରାର୍ଥୀ / ପ୍ରାର୍ଥୀନୀଙ୍କର ଅତିକମରେ କ୍ରମାଗତ ଭାବରେ ୩ ବର୍ଷର କୃତ୍ରିମ ପ୍ରଜନନ (ଜାତୀୟ ଗୋ ମହିଷାଦି ପ୍ରଜନନ କାର୍ଯ୍ୟକ୍ରମ) (NPCBB) କ୍ଷେତ୍ରରେ କର୍ମ କୁଶଳତାର ଅଭିଜ୍ଞତା ଥିବା ଆବଶ୍ୟକ ।

୨. ପ୍ରାର୍ଥୀ / ପ୍ରାର୍ଥୀନୀ ଓଡ଼ିଆ ଭାଷାରେ କହିବା ଲେଖିବା ରେ ସମର୍ଥ ଥିବେ ।

୩. ପ୍ରାର୍ଥୀ / ପ୍ରାର୍ଥୀନୀ ଉତ୍ତମ ନୈତିକ ଚରିତ୍ରବାନ ହୋଇଥିବେ ।

୪. ପ୍ରାର୍ଥୀ / ପ୍ରାର୍ଥୀନୀ ଭାରତର ନାଗରିକ ଏବଂ ଦେବଗଡ଼ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୫. . ପ୍ରାର୍ଥୀ / ପ୍ରାର୍ଥୀନୀ ବିବାହିତ ହୋଇଥିଲେ ତାଙ୍କର ଏକ ରୁ ଅଧିକ ସ୍ୱାମୀ /ସ୍ତ୍ରୀ ନ ଥିବେ ।

୬. ବ୍ୟବସ୍ଥା ଅନୁଯାୟୀ ଗୋମିତ୍ର ପ୍ରାର୍ଥୀ / ପ୍ରାର୍ଥୀନୀଙ୍କର ବୟସ ତା .୦୧ .୦୧.୨୦୨୩ ସୁଦ୍ଧା ୧୮ ରୁ ୫୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

**ଶାରୀରିକ ଦକ୍ଷତା :**

(କ) ପ୍ରାର୍ଥୀଙ୍କର ଉତ୍ତମ ମାନସିକ ଅବସ୍ଥା, ଉତ୍ତମ ଶାରୀରିକ ସ୍ୱାସ୍ଥ୍ୟ ସମ୍ପନ ହୋଇଥବା ସହ ତାଙ୍କର କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କଲାଭଳି ଶାରୀରିକ ତ୍ରୁଟି ନଥିବ ।

(ଖ) ପ୍ରାର୍ଥୀ / ପ୍ରାର୍ଥୀନୀଙ୍କ ସର୍ବନିମ୍ନ ଉଚତା ୫ ଫୁଟ ଏ ଏବଂ ଛାତି (କେବଳ ପୁରୁଷ କ୍ଷେତ୍ରରେ) ଅଣ ସଂପ୍ରସାରିତ ୩୦ ଇଞ୍ଚର ଥିବା ସଂଗେ ସଂଗେ ସେମାନଙ୍କର କୌଣସି ଶାରୀରିକ କିମ୍ବା ମାନସିକ ଅକ୍ଷମତା ନ ଥିବ ।

(ଗ) ପ୍ରାର୍ଥୀ / ପ୍ରାର୍ଥୀନୀ ଉତ୍ତମ ରୂପେ ସାଇକେଲ ଚଳାଇ ପାରୁଥିବେ ।

**ଚୟନ ପ୍ରକ୍ରିୟା :-**

କ. ଜିଲ୍ଲା ଚୟନ କମିଟି ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଗୋମିତ୍ର ପଦରେ କାର୍ଯ୍ୟ କରିଥିବା ଅନୁଭୂତି ତଥା ପରୀକ୍ଷା ଦ୍ୱାରା ପରିଚାରକ (Attendant) (Group-D) ପଦ ପାଇଁ ଚୟନ କରାଯିବ ।

ଖ. ଓଡିଶା ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତିକୁ ଅନୁସରଣ କରାଯିବ ।

ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ଆବଶ୍ୟକୀୟ ପ୍ରମାଣପତ୍ରର ସ୍ୱପ୍ରମାଣିତ ନକଲ (SELF ATTESTED COPIES)

୧. ନିଜର ଦୁଇଗୋଟି ପାସପୋର୍ଟ ଫୋଟୋଗ୍ରାଫ ତନ୍ମଧ୍ୟରୁ ଏକଗୋଟି ଫୋଟଗ୍ରାଫ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠା ଦେଇ ସଂଲଗ୍ନ କରିବା ଆବଶ୍ୟକ ।

୨. ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ।

୩.ସ୍ଥାନୀୟ ତହସିଲଦାରଙ୍କ ଠାରୁ ଉପଯୁକ୍ତ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ।

୪. ଜାତିଗତ ପ୍ରମାଣପତ୍ର ।

୫. ବୟସ ପ୍ରମାଣ ପତ୍ର

୬. ପରିଚୟ ପ୍ରମାଣପତ୍ର ।

୭. ଗୋ ମିତ୍ର ପ୍ରାର୍ଥୀ / ପ୍ରାର୍ଥୀନୀମାନେ କୃତ୍ରିମ ପ୍ରଜନନ ପ୍ରୟୋଗ କ୍ଷେତ୍ରରେ (ଜାତୀୟ ଗୋ ମହିଷାଦି ପ୍ରଜନ କାର୍ଯ୍ୟକ୍ରମ ) (NPCBB ) ତିନିବର୍ଷ ଓ ତତୋଧିକ ସନ୍ତୋଷଜନକ କାର୍ଯ୍ୟକୁଶଳତାର ଅନୁଭୂତି ପ୍ରମାଣପତ୍ର ।

୮. ଅନ୍ୟ ଜିଲ୍ଲାରେ କାର୍ଯ୍ୟ କରିବା ନିମନ୍ତେ ସ୍ବୀକାରୋକ୍ତି ଦେବା ଆବଶ୍ୟକ ।

ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ ଖବର ୨୨ .୧୨ ୨୦୨୩ ଅପରାହ୍ନ ୫ ଘଟିକା ।

ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଡ଼ାକ ଦ୍ୱାରା ପଠାଇଥିବା ଦରଖାସ୍ତ ବିଳମ୍ବରେ ପହଁଚିଲେ କର୍ତ୍ତୃପକ୍ଷ କୌଣସି ଦାୟୀ ରହିବେ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତ, ଆବଶ୍ୟକୀୟ ପ୍ରମାଣପତ୍ର (Self Attested Copies ) ନଥିବା ଦରଖାସ୍ତ ଗୁଡିକ ନାକଚ କରାଯିବ ।

ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲ (Self Attested Copy ) ସବୁ ମୁଦା ଲଫାପା ଭିତରେ ରଖି ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦେବଗଡ ( Chief District Veterinary Officer, Deogarh) କାର୍ଯ୍ୟାଳୟରେ ଡାକ ମାଧମରେ କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରିପାରିବେ । ଦରଖାସ୍ତ ପଠାଇବା ଲଫାପା ଉପରେ " **ଯୋଗ୍ୟ ଗୋମିତ୍ରଙ୍କ ଦ୍ୱାରା ପରିଚାରକ (Attendant ) ପଦ ପାଇଁ ଦରଖାସ୍ତ"** ଉଲ୍ଲେଖ ରହିବା ଆବଶ୍ୟକ । ନିର୍ଦ୍ଧାରିତ ଶେଷ ତାରିଖର ଅପରାହ୍ନ ୫ ଘଟିକା ସମୟ ସୁଦ୍ଧା ଦରଖାସ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଦେବଗଡ କାର୍ଯ୍ୟାଳୟରେ ନ ପହଁଚିଲେ ତାହା ଗ୍ରହଣ କରାଯିବ ନାହିଁ ।

ପ୍ରକାଶ ଥାଉକି, ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ସଂରକ୍ଷିତ ରହିଅଛି ।

ଡା . ସତ୍ୟରଞ୍ଜନ ରାଉତ

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଦେବଗଡ

# ଦରଖାସ୍ତ ଫର୍ମ

| ଫଟୋ ସଂଲଗ୍ନ କରାଯିବ |
|---|

୧. ପ୍ରାର୍ଥୀଙ୍କ ନାମ :

୨.ପିତାଙ୍କ ନାମ :

୩.ସ୍ଥାୟୀ ଠିକଣା:- ଗ୍ରାମ ..................ପୋଷ୍ଟ ......................

ଭାୟା...................... ଜିଲ୍ଲା ............................ପିନ .......................

୪. ଯୋଗାଯୋଗ ଠିକଣା:-

ଗ୍ରାମ ........................ପୋଷ୍ଟ .........

ଭାୟା........................ ଜିଲ୍ଲା ...........................ପିନ ........................

୫.ଜାତୀୟତା :

୬.ଜନ୍ମ ତାରିଖ :

୭. ଶିକ୍ଷାଗତ ଯୋଗ୍ୟତା :

୮.ଉଚ୍ଚତା :

୯.ଜାତି :

୧୦.ବିବାହିତ / ଅବିବାହିତ :

୧୧. ପୁରୁଷ/ ମହିଳା :

୧୨. ଗୋମିତ୍ର ରୂପେ କାର୍ଯ୍ୟ କରିଥିବାର ଅନୁଭୂତି ପ୍ରମାଣ ପତ୍ର :

ମୁଁ ଏତ ଦ୍ୱାରା ଘୋଷଣା କରୁଅଛି ଯେ, ମୋ ଦ୍ୱାରା ଦିଆଯାଇଥିବା ଉପର ଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ ।

ତାରିଖ: ଆବେଦନକାରୀଙ୍କ ସ୍ୱାକ୍ଷର

**ଆବେଦନ ପତ୍ର ସହ ଦାଖଲକରିବାକୁ ଥିବା ସ୍ୱପ୍ରମାଣିତ ନକଲ (SELF ATTESTED COPIES):-**

୧) ନିଜର ଦୁଇଗୋଟି ଆଟେଷ୍ଟେଡ଼ ହୋଇଥିବା ପାସପୋର୍ଟ ସାଇଜ୍ ଫୋଟୋଗ୍ରାଫ । ତନ୍ମଧ୍ୟରୁ ଏକଗୋଟି ଫୋଟୋଗ୍ରାଫ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠା ଦେଇ ସଂଲଗ୍ନ କାରାଯିବା ଆବଶ୍ୟକା ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ ।

୨. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ରର ଅବିକଳ ନକଲ ।

୩.ବୟସ ପ୍ରମାଣପତ୍ରର ଅବିକଳ ନକଲ ।

୪.ସ୍ଥାନୀୟ ତହସିଲଦାରଙ୍କ ଠାରୁ ସ୍ଥାୟୀ ବାସିନ୍ଦାର ପ୍ରମାଣ ଅବିକଳ ନକଲ ।

୫.ବୈଧ ପରିଚୟ ପତ୍ରର ଅବିକଳ ନକଲ ।

୬.ଜାତିଗତ ପ୍ରମାଣପତ୍ର ଅନୁସୂଚିତ ଜାତି (SC) ।

୭.ଦୁଇଗୋଟି ଚରିତ୍ର ପ୍ରମାଣପତ୍ର ଭିନ୍ନ ଭିନ୍ନ ଗେଜେଟେଡ ଅଫିସରଙ୍କଠାରୁ ଯେକି ପ୍ରାର୍ଥୀଙ୍କର ସମ୍ପର୍କୀୟ ହୋଇନଥିବେ ।

୮.ଗୋମିତ୍ର ପ୍ରାର୍ଥୀ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଠାରୁ ହାସଲ କରିଥିବା କୃତ୍ରିମ ପ୍ରଜନନ ପ୍ରୟୋଗ କାର୍ଯ୍ୟକ୍ଷେତ୍ରରେ ତିନିବର୍ଷ ଓ ତତୋଧିକ ସନ୍ତୋଷଜନକ କାର୍ଯ୍ୟକୁଶଳତାର ଅନୁଭୂତି ପ୍ରମାଣପତ୍ରର ଅବିକଳ ନକଲ । ସବୁ ଅବିକଳ ନକଲରେ ପ୍ରାର୍ଥୀ/ ପ୍ରାର୍ଥୀନୀ ନିଜେ ସ୍ୱାକ୍ଷର କରିବେ ।

୯.ଅନ୍ୟ ଜିଲ୍ଲାରେ ନିୟୋଜିତ ହେବା ପାଇଁ ସହମତି / ସ୍ୱୀକୃତି (Undertaking) ଦେଇପାରିବେ ।